# ନୂଆଖାଇ

ଦୁଲୁକାଇ
ମହକାଇ
ପାଦକାଢିଲା
ନୂଆଖାଇ ।।୧

ଛୋଟ ପିଲାଂକ
ନୂଆ ସଉକ
ବଡମାନଂକ
ହାକଡାକ
ଭୂଆସୁଣୀର
ପିଠାଶେଜ
ଓଢଣା ତଳର
ନୂଆବହୁ ଲାଜ
ବୁଢୀ ମା'ର
ପାକୁଆ ହସ
ଖଟିଖିଆଂକ
ଫୁରୁସତ କାଶ ।।୨

ନୂଆ ଜାମା
ନୂଆ କଂସା
ନୂଆ ଫଳ ନେଇ
'ନୂଆଁ' ପରସେ
ବାପ, ପୁଅ
ଅଜା, ଭାଇ
ମା, ଝିଅ
ଭାଉଜ, ଆଈ
ଏକାଠି ବସେ
ଭାଦ୍ର ଶୁକ୍ଳ
ପଞ୍ଚମୀ ତିଥେ

ମଉଜ ନାଚେ
ଓଡିଶା ଦେଶେ ।।୩

ଆତ୍ମୀୟ, ବଂଧୁ
ସଖା ହୁଏ
'ନୂଆଖାଇ-ଭେଟ'
ବଡଂକୁ ଜୁହାର
ଛୋଟଂକୁ ଆର୍ଶିବାଦ
ଭୁଲିଯାଏ
ଏଦିନ ମଣିଷ
ପୁରୁଣା ଦରଦ
ଘା' ଲଗା
ମତଭେଦ ।।୪

ଘୁମୁରା ତାଳେ
ମହୁରୀ ସୁରେ
ନାଚକୁ ଧରେ
ରାତି
ପ୍ରିୟାକୁ ଜାବୁଡେ
ପ୍ରୀତି
ମୁଣି ପୁରାଏ
ବେପାରୀ
ଦିନ-ମଜୁରୀଆଂକ
ଟଂକା ଦାନାରେ
ଜହ୍ନ ଆଢୁଆଳେ
ନୂଆଖାଇ 'ବାସି' ହସେ
ମଦ ମାଂସ ଗଂଧରେ
ବେସୁରୀଆ ମାତାଲ
ଶ୍ରମିକର
'ଡାଲଖାଇ' ଗୀତରେ ।।୫

ଦିଗମ୍ବର ପାତ୍ର